ଓଡିଶା ସରକାର

ସମବାୟ ବିଭାଗ

**ଅଧିସୂଚନା**

ଭୁବନେଶ୍ୱର ତା

ସଂଖ୍ୟା-Agm-Misc.-21/14 1322 /ସମବାୟ 16.02.15

ଯେହେତୁ ଓଡ଼ିଶା କୃଷିଜାତ ଦ୍ରବ୍ୟ ବଜାର ଅଧିନିୟମ 1956 (1957 ର ଓଡ଼ିଶା ଅଧିନିୟମ 3) ର ଧାରା 3 ଓ ଧାରା 4 ର ଉପଧାରା (7) ର ଆବଶ୍ୟକତା ମତେ ରାଜ୍ୟର ସମସ୍ତ ନିୟନ୍ତ୍ରିତ ବଜାର କମିଟିର (ଆର.ଏମ୍.ସି) ବଜାର କ୍ଷେତ୍ର ସଂପର୍କରେ କୃଷିଜାତ ଦ୍ରବ୍ୟ ଯଥା, ଫଳ ଓ ପନିପରିବାକୁ ବାଦ୍ ଦେବାର ଅଭିପ୍ରାୟ ରଖି ଓଡ଼ିଶା ଗେଜେଟ୍‌ର ତା. 2 ଜୁଲାଇ, 2014 ର ଅସାଧାରଣ ସଂଖ୍ୟା 1052 ରେ ଓଡ଼ିଶା ସମବାୟ ବିଭାଗର ଅଧିସୂଚନା ସଂଖ୍ୟା 5143/ସମବାୟ ତା. 1 ଜୁଲାଇ 2014 ରେ ପ୍ରକାଶିତ ହୋଇ ତଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କ ଠାରୁ ଉକ୍ତ ଅଧିସୂଚନାଟି ଓଡ଼ିଶା ଗେଜେଟ୍‌ରେ ପ୍ରକାଶିତ ହେବା ତାରିଖ ଠାରୁ ଏକ ମାସ ସମାପ୍ତ ହେବା ପର୍ଯ୍ୟନ୍ତ ସମୟସୀମା ମଧ୍ୟରେ ଆପତ୍ତି ଓ ପ୍ରସ୍ତାବମାନ ଆହ୍ୱାନ କରାଯାଇଥିଲା ।

ଯେହେତୁ ଉକ୍ତ ନିର୍ଦ୍ଧାରିତ କାଳାବଧି ମଧ୍ୟରେ ଉକ୍ତ ଅଭିପ୍ରାୟ ସଂବନ୍ଧରେ ମିଳିଥିବା ଆପତ୍ତି ଏବଂ ପ୍ରସ୍ତାବ ଗୁଡିକ ସରକାର ଯଥୋଚିତ ଭାବେ ବିଚାର କରିଛନ୍ତି ;

ସୁତରାଂ, ସଂପ୍ରତି ଉକ୍ତ ଅଧିନିୟମର ଧାରା 4 ର ଉପଧାରା (7) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ ରାଜ୍ୟ ସରକାର ଏତଦ୍‌ଦ୍ୱାରା ରାଜ୍ୟରେ ଥିବା ସମସ୍ତ ନିୟନ୍ତ୍ରିତ ବଜାର କମିଟି (ଆର.ଏମ୍.ସି) ମାନଙ୍କର ବଜାର ଅଞ୍ଚଳ ; ସମ୍ପର୍କିତ ଅଧିସୂଚିତ କୃଷିଜାତ ଦ୍ରବ୍ୟ ଯଥା, ଫଳ ଓ ପନିପରିବା ଯାହା ରାଜ୍ୟ ସରକାରଙ୍କ ଦ୍ୱାରା ଉକ୍ତ ଅଧିନିୟମର ଧାରା 4 ର ଉପଧାରା (1) ଅନୁଯାୟୀ ସେ ରୂପେ କୃଷିଜାତ ଦ୍ରବ୍ୟ ଭାବେ ବିନିର୍ଦ୍ଦିଷ୍ଟ କରାଯାଇଛି, ସେହି କୃଷିଜାତ ଦ୍ରବ୍ୟ ଗୁଡିକୁ ଅଧିସୂଚନାରୁ ବାଦ୍‌ଦେବା ପାଇଁ ଘୋଷଣା କରୁଅଛନ୍ତି ।

ରାଜ୍ୟପାଳଙ୍କ ଆଦେଶକ୍ରମେ

(signature)

ଅତିରିକ୍ତ ଶାସନ ସଚିବ

C-2/PKM/ Notification Fruits & Vegetable

ଜ୍ଞାପକ ସଂଖ୍ୟା 1378 / ସମବାୟ ତା : 16.02.15

ଏହାର ଏକକିତା ନକଲ ଉପନିର୍ଦ୍ଦେଶକ, ଓଡ଼ିଶା ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ, ଓଡିଶା, ଭୁବନେଶ୍ୱର ନିକଟକୁ ପଠାଗଲା । ତାହାକୁ ଅନୁରୋଧ, ସେ ଓଡ଼ିଶା ଗେଜେଟ୍‌ର ଅସାଧାରଣ ସଂସ୍କରଣରେ ଏହି ଅଧିସୂଚନାକୁ ପ୍ରକାଶ କରିବେ ଓ ତାହାର ୧୦ (ଦଶ) କିତା ନକଲ ଏହି ବିଭାଗକୁ ପଠାଇବେ ।

ଏହି ଅଧିଚୂଚନାଟି ବୈଧାନିକ ଅଟେ ।

ଧ୍ୟାନାନନ୍ଦ ନାୟକ
ଅତିରିକ୍ତ ଶାସନ ସଚିବ
16-2-15

ଜ୍ଞାପକ ସଂଖ୍ୟା 1379 / ସମବାୟ ତା : 16.02.15

ଏହାର ନକଲ, ନିର୍ଦ୍ଦେଶକ, କୃଷିବିପଣନ, ଓଡ଼ିଶା ଭୁବନେଶ୍ୱର / ମହାପରିଚାଳକ ଓଡ଼ିଶା କୃଷିବିପଣନ ପରିଷଦ / ସମବାୟ ବିଭାଗର ବିଧିପ୍ରକୋଷ୍ଠ ଏବଂ କମ୍ପ୍ୟୁଟର ପ୍ରକୋଷ୍ଠଙ୍କ ଅବଗତ ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଗଲା / ୪ଟି ଅଧିକା ନକଲ ।

କମ୍ପ୍ୟୁଟର ପ୍ରକୋଷ୍ଠ ଏହି ଅଧିସୂଚନାକୁ ସମବାୟ ବିଭାଗ ୱେବସାଇଟ୍‌ରେ ପ୍ରଦର୍ଶନ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ ।

ଧ୍ୟାନାନନ୍ଦ ନାୟକ
ଅତିରିକ୍ତ ଶାସନ ସଚିବ
16/2/15

ଜ୍ଞାପକ ସଂଖ୍ୟା 1380 / ସମବାୟ, ତା : 16.02.15

ଏହାର ନକଲ ସମବାୟ ମନ୍ତ୍ରୀ / ପ୍ରମୁଖ ଶାସନ ସଚିବ, ଓଡ଼ିଶା ସରକାର, ସମବାୟ ବିଭାଗଙ୍କର ବ୍ୟକ୍ତିଗତ ସଚିବଙ୍କୁ ମାନ୍ୟବର ମନ୍ତ୍ରୀ ଓ ପ୍ରମୁଖ ଶାସନ ସଚିବଙ୍କର ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଧ୍ୟାନାନନ୍ଦ ନାୟକ
ଅତିରିକ୍ତ ଶାସନ ସଚିବ
16-2-15

୪

C-2/PKM/ Notification Fruits & Vegetable

(9) 1882
Computer Cell